

## ବିଦେଶୀ ଦଲାଲଙ୍କ ସହ ହାତ ମିଶେଇଛନ୍ତି ଓଡ଼ିଆ ଅପରାଧୀ

# ରୌପ୍ୟନଗରୀରେ ସାଇବର ଠକଙ୍କ ରାଜୁତି

କଟକ,୧୯।୧(ସମିସ): ରୌପ୍ୟନଗରୀରେ ସାଇବର ଠକଙ୍କ ରାଜୁତି ଦିନକୁ ଦିନ ବଢ଼ି ଚାଲିଛି। ନିବେଶରେ ଅଧିକ ରିଟର୍ଣ୍ଣର ଲୋଭ ଓ ବିଭ୍ରାନ୍ତିକର ପରାମର୍ଶ ଦେଇ କୋଟି କୋଟି ଟଙ୍କା ଚୂନ ଲଗାଉଛନ୍ତି ସାଇବର ଅପରାଧୀ। ଏଥିସହିତ ଡିଜିଟାଲ ଗିରଫଦାରୀ, ବିଦେଶରୁ ସୁନା, ବିଦେଶୀ ମୁଦ୍ରା, ମାଟ୍ରିମୋନି, ଦାମୀ ଉପହାର, କେଶର ବ୍ୟବସାୟୀରେ ପୁଞ୍ଜି ନିବେଶ, ଦାମୀ ଉପହାର, ଅଧିକ ସୁଧ, ମିଛ ନିଯୁକ୍ତି, ମିଛ କମ୍ପାନୀରେ ନିବେଶ ଏବଂ ଟ୍ରେଡିଂ ସ୍କାମ୍ ଆଳରେ କୋଟିପତି ହେବା ଭଳି ଆଶା ଦେଖାଇ ସାଇବର ଅପରାଧୀମାନେ ନିବେଶକଙ୍କଠାରୁ କୋଟି କୋଟି ଟଙ୍କା ଆତ୍ମସାତ କରୁଛନ୍ତି। ଗତ କିଛିମାସ ମଧ୍ୟରେ ଅନେକ ଆନ୍ତଃରାଜ୍ୟ ଠକ ଧରାପଡ଼ିଛନ୍ତି। ସେମାନଙ୍କୁ ବେନାମୀ ସିମ୍ ଓ ମ୍ୟୁଲ୍ ଆକାଉଣ୍ଟ ଯୋଗାଉଥିବା ଠକମାନଙ୍କୁ ମଧ୍ୟ ଗିରଫ କରାଯାଇଛି। ନିକଟରେ କେରଳ ଲଟେରୀ, ଋଣ ଯୋଗାଇବା ଓ ଗିଫ୍ଟ ଭାଉଚର ଆଳରେ କୋଟି କୋଟି ଟଙ୍କା ଉଡ଼ାଇ ନେଇଥିବା ୧୫ ଜଣିଆ ସାଇବର ଠକଙ୍କୁ ଗିରଫ କରିଥିଲା କମିସନରେଟ ପୁଲିସ। ସେମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ମଧ୍ୟ ରହିଥିଲେ। ସେହିପରି କ୍ରେଡିଟ୍ କାର୍ଡ ଭେରିଫିକେସନ୍ ଓ ଏସବିଆଇ ୟୋନୋ ଆଳରେ ଏପିକେ ଫାଇଲ୍ ଦ୍ୱାରା ଲକ୍ଷାଧିକ ଟଙ୍କା ଠକେଇ ହେଉଛି।

ସାଇବର ଥାନା ପୁଲିସ ତଥ୍ୟ ଅନୁସାରେ, ସାଇବର ଠକମାନେ କଟକରୁ ଗତବର୍ଷ ୬୨ କୋଟି ୫୦ ଲକ୍ଷ ୪ ହଜାର ୨୩୦ ଟଙ୍କା ଉଡ଼ାଇ ନେଇଛନ୍ତି। ମୋଟ ୨୭୮ ମାମଲାରେ ୫୧ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେପ୍ଟେମ୍ବରରେ ସର୍ବନିମ୍ନ ୧ କୋଟି ଟଙ୍କା ଠକେଇ ହୋଇଥିବା ବେଳେ ଡିସେମ୍ବରରେ ସର୍ବାଧିକ ୩ କୋଟି ୬୭ ଲକ୍ଷ ୧୫ ହଜାର ଟଙ୍କା ଠକି ନେଇଛନ୍ତି।

ଅନ୍ୟପଟେ ଅଦୃଶ୍ୟ ଅପରାଧୀମାନେ ଇଣ୍ଟରନେଟ୍ ବ୍ୟବହାର ହେଉଥିବା ମୋବାଇଲ୍ ଓ କମ୍ପ୍ୟୁଟରକୁ ଅସ୍ତ୍ର କରି ଲୋକଙ୍କ ନିକଟରେ ପହଞ୍ଚି ଯାଉଛନ୍ତି। ଆଉ ଅତି ସହଜରେ ଲୋକମାନେ ବ୍ୟବହାର କରୁଥିବା ସୋସିଆଲ୍ ମିଡିଆ ଓ ଆର୍ଥିକ କାରବାର ଆପ୍‌ରୁ ସେମାନଙ୍କ ଆବଶ୍ୟକତା ଓ ସ୍ଥିତିକୁ ପରଖି ନେଉଛନ୍ତି। ବିଶେଷ କରି ଚାଇନା, ହଂକଂ, ଦୁବାଇ ଏବଂ ମାଲେସିଆରେ ଥିବା ସାଇବର ଅପରାଧୀ ଏହି ଠକେଇର ରଣନୀତି ପ୍ରସ୍ତୁତ କରିଥାଆନ୍ତି। ସାଇବର ଠକମାନେ ଟଙ୍କା ଠକିବା ପାଇଁ ମ୍ୟୁଲ୍ ଆକାଉଣ୍ଟ ବ୍ୟବହାର କରୁଛନ୍ତି। ଅଳ୍ପଶିକ୍ଷିତ ବା ଶ୍ରମିକ ଶ୍ରେଣୀୟ ଲୋକଙ୍କୁ କମିସନ ଲୋଭ ଦେଖାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନେଇ ଆସୁଛନ୍ତି। ସେହି ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଲୋକଙ୍କଠାରୁ ଠକି ନେଉଥିବା ଟଙ୍କାକୁ ଗ୍ରହଣ କରୁଛନ୍ତି। ପରବର୍ତ୍ତୀ ସମୟରେ କମିସନ୍ ଟଙ୍କା ଛାଡ଼ି ବାକି ଟଙ୍କାକୁ ଆକାଉଣ୍ଟରୁ ଉଠାଇ ନେଉଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଯେଉଁ ବ୍ୟକ୍ତିର ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଯାଇଛି, ତାକୁ ଗିରଫ କରୁଛି। ହେଲେ ପୁଲିସ ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚି ପାରୁନାହିଁ। ବିଦେଶରେ ରହି ରିଂ ମାଷ୍ଟର ସାଇବର ଅପରାଧକୁ ଅପରେଟ୍ କରୁଛି। ଏଥିଲାଗି କାମ୍ବୋଡିଆ, ଥାଇଲ୍ୟାଣ୍ଡ ଭଳି ସ୍ଥାନରେ କଲ୍ ସେଣ୍ଟର ଖୋଲାଯାଉଛି। ସେଠାରେ ଓଡ଼ିଆ ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦିଆଯାଉଛି। ଭଲ ହିନ୍ଦୀ ଓ ଇଂରାଜୀ କହୁଥିବା ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦିଆଯିବା ପରେ ଆରମ୍ଭ ହୋଇଯାଉଛି ଅପରେସନ୍। କଲ୍ ସେଣ୍ଟରରୁ ଲୋକଙ୍କ ନିକଟକୁ କଲ୍ ଓ ମେସେଜ୍ ପଠାଯାଉଛି। ଯେଉଁମାନଙ୍କ ନିକଟକୁ ଫୋନ୍ ଯାଉଛି ସେମାନଙ୍କର ସନ୍ଦେହ ହେଉନାହିଁ। ବିଶେଷକରି ଓଡ଼ିଶାକୁ ଆସିଥିବା ମେସେଜ୍‌ରେ ଏମାନେ ଓଡ଼ିଆରେ ଲେଖୁଛନ୍ତି। ଅନେକ ସମୟରେ ଓଡ଼ିଆରେ ବି କଥା ହେଉଥିବାରୁ ଏହାକୁ ସହଜରେ ବିଶ୍ୱାସକୁ ଲୋକମାନେ ନେଉଛନ୍ତି। ଫଳରେ ଓଡ଼ିଆ ଯୁବକ-ଯୁବତୀଙ୍କୁ ଢାଲ କରି ସାମ୍ରାଜ୍ୟ ଚଳାଉଛନ୍ତି ସାଇବର ଅପରାଧୀ।

### ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବରେ ଓଡ଼ିଶାର ଚମକ

## 'ଆଷ୍ଟ୍ରୋନଟ୍ କାଇଟ୍'କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



କଟକ,୧୯।୧(ସମିସ): ଗୁଜରାଟରେ ଆୟୋଜିତ ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବରେ ଚମକିଛି ଓଡ଼ିଶାର ଗୁଡ଼ି। ଦେଶର ୩୦୦ ଗୁଡ଼ି ଉଡ଼ା ଦଳକୁ ହରାଇ ଚାମ୍ପିଅନ ହୋଇଥିଲା ଓଡ଼ିଶା। ଓଡ଼ିଶା ୟାଟିଂ ଆସୋସିଏସନର କାଇଟ୍‌ମାଇନ୍ ଦଳ ପକ୍ଷରୁ ମହୋତ୍ସବରେ ଆଷ୍ଟ୍ରୋନଟ୍ କାଇଟ୍ ପ୍ରଚଳନ କରାଯାଇଥିଲା; ଯାହାକି ଅନ୍ତର୍ଜାତୀୟ ସ୍ତରୀୟ ଏହି ପ୍ରତିଯୋଗିତାରେ ଅନ୍ୟତମ ଆକର୍ଷଣ ପାଲଟିଥିଲା। ପୁରସ୍କାର ବିତରଣୀ ଉତ୍ସବ ସମୟରେ ପୋଡିୟମରେ ଓଡ଼ିଆ ପ୍ରତିଯୋଗୀଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାର୍ତ୍ତାଳାପ କରିବା ବେଳେ ନିଜେ ଆଷ୍ଟ୍ରୋନଟ କାଇଟକୁ ଉଡ଼ାଇ ଏହାକୁ ପ୍ରଶଂସା କରିଥିଲେ। ଜର୍ମାନର ଅନେକ ନିମନ୍ତ୍ରିତ ଅତିଥି ମଧ୍ୟ ଆଷ୍ଟ୍ରୋନଟ୍ କାଇଟ୍‌ର ପ୍ରଶଂସା କରିଥିଲେ। ଅନ୍ତର୍ଜାତୀୟ ସ୍ତରର ପ୍ଲାଟଫର୍ମରେ ଓଡ଼ିଶା କାଇଟ୍‌ମାଇନ୍ ଦଳର ଏଭଳି ଉଦ୍ୟମ ରାଜ୍ୟ ପାଇଁ ଗୌରବ ଆଣି ଦେଇଛି। ପ୍ରକାଶଥାଉକି, ଜୟସଲଦୀପ ସିଂହ, ପ୍ରଭାତ କୁମାର ପୃଷ୍ଟି ଏବଂ ମାଧୁରୀ କାନହାରା ଅନ୍ତର୍ଜାତୀୟ ଗୁଡି ମହୋତ୍ସବରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ରାଜ୍ୟ ଦଳର ଏଭଳି ସଫଳତା ନେଇ ଓଡ଼ିଶା ୟାଟିଂ ସଂଘର ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସ ପ୍ରତିଯୋଗୀ ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରେଭେନ୍ସାରେ କର୍ତ୍ତବ୍ୟବୋଧ ଦିବସ

କଟକ,୧୯।୧(ସମିସ): କର୍ତ୍ତବ୍ୟବୋଧ ଦିବସ ଉପଲକ୍ଷେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କଟକ ଜିଲ୍ଲା ଶାଖା ତରଫରୁ ରବିବାର ସନ୍ଧ୍ୟାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗଠାରେ ଏକ ସମାବେଶର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ଡ. ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ୍ ସିଂହ ମୁଖ୍ୟଅତିଥି ଓ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି କହିଲେ ଯେ ପ୍ରତିବର୍ଷ ସ୍ୱାମୀ ବିବେକାନନ୍ଦ ଜୟନ୍ତୀଠାରୁ ନେତାଜୀ ସୁଭାଷ ବୋଷ ଜୟନ୍ତୀ ମଧ୍ୟରେ ଦେଶବ୍ୟାପୀ କର୍ତ୍ତବ୍ୟବୋଧ ଦିବସ ପାଳନ କରାଯାଉଛି। ମୁଖ୍ୟଅତିଥି ପ୍ରଫେସର ସିଂହ କାର୍ଯ୍ୟକ୍ରମ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମହାସଂଘର ଶୈକ୍ଷିକ ପ୍ରକୋଷ୍ଠ ମୁଖ୍ୟ ଡକ୍ଟର ବି.ସି. ଦାସ ସ୍ୱାଗତ ଭାଷଣ ଦେଲା ପରେ ରାଜ୍ୟ ସଭାପତି ପ୍ରଫେସର ଶିବବ୍ରତ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଉମାକାନ୍ତ ମିଶ୍ର, ପ୍ରଫେସର ଯୁଧିଷ୍ଠିର ସାହୁ, ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା, ଡ. କ୍ଷୀରୋଦ ସାହୁ, ଅଧ୍ୟକ୍ଷ ମୋହିତ କର, ଅଧ୍ୟାପକ ଚକ୍ରଧର ନାୟକ, ଅଧ୍ୟାପକ ଗୋପୀନାଥ ପଣ୍ଡା, ଅଧ୍ୟାପକ ଅଜୟ ପତି, ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ସମ୍ପାଦକ ଅଧ୍ୟାପକ ମିହିର ରଞ୍ଜନ କର ଧନ୍ୟବାଦ ଦେଇଥିଲେ।

## ୨୨ରୁ ପାରମ୍ପରିକ ବାଦ୍ୟ ସହ ଆଧ୍ୟାତ୍ମିକ ଧ୍ୱଜା ଯାତ୍ରା




କଟକ,୧୯।୧(ସମିସ): ଆସନ୍ତା ୨୨ ତାରିଖ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଦିବସକୁ ଭାରତ ବର୍ଷରେ ଉତ୍ସବ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଜେପି ଯୁବମୋର୍ଚ୍ଚା କଟକ ଜିଲ୍ଲା ତରଫରୁ ଏକ ବିଶାଳ ଧ୍ୱଜା ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ବିଜେପି କଟକ ଜିଲ୍ଲା ତରଫରୁ ଏହି କାର୍ଯ୍ୟକ୍ରମକୁ ନେଇ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ସହ ପାରମ୍ପରିକ ବାଦ୍ୟରେ ଏହି ଯାତ୍ରା ଗୁରୁବାର ଅପରାହ୍ନ ୪ଟାରେ ମା'କଟକ ଚଣ୍ଡୀଙ୍କ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ଶେଖ ବଜାର, ମହମ୍ମଦିଆ ବଜାର, ଚାନ୍ଦିନୀଚୌକ, ନିମଚୌଡ଼ି ଛକ, ବାଲୁବଜାର, ଚୌଧୁରୀ ବଜାର, ସିଏମ୍‌ସି ସମ୍ମୁଖ ଦେଇ ମାରୁତୀ ମଣ୍ଡପରେ ସମାପନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଉପସଭାପତି ସୁନୀଲ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର, ଜଗନ୍ନାଥ ପରିଡ଼ା, ଜିଲ୍ଲା ସାଧାରଣ ସଂପାଦକ ସ୍ମୃତିରଞ୍ଜନ ମିଶ୍ର, ଅଶୋକ ସାହୁ, ସଂପାଦକ ସ୍ୱାଧିନ ମହାନ୍ତି, ମଙ୍ଗଳ ମିଶ୍ର, ପ୍ରଶାନ୍ତ ଦାସ, ଶୁଭମ ସ୍ୱାଇଁ, ଆଶିଷକାନ୍ତ ମହାନ୍ତି, ଆଶୁତୋଷ ଦାସ, ହରିଚନ୍ଦନ ନାୟକ, କାମାକ୍ଷା ମିଶ୍ର, ସନ୍ଦୀପ ବିଶ୍ୱାଳ, ସନତ ମାହାର, ଅସୀମ ମହାନ୍ତି, ଶ୍ରୀନିବାସ ରେଡି, ଦୀପକ କାହାଳୀ, କ୍ଷୀତିଶ ଜଗତି, ଅଭିଷେକ ସିଂହ, ସୁରଜ ଦାସ, ଦେବିଦତ୍ତ ଦାସ, ମଧୁସ୍ମିତା ପ୍ରଧାନ, କଳ୍ପନା ବେହେରା, ପ୍ରତିମା ସ୍ୱାଇଁ, ମମତା ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଅନ୍ୟତମ ଉପସଭାପତି ଦେବାଶିଷ ଘୋଷ ଧନ୍ୟବାଦ ଦେଇଥିଲେ।

### ■ ଅପରେସନ 'ଜୀବନ ରକ୍ଷା'

## ୮.୯୪ ଲକ୍ଷ ଟଙ୍କାର ଜରିମାନା ଆଦାୟ

କଟକ,୧୯।୧(ସମିସ): ସଡ଼କ ଦୁର୍ଘଟଣା ରୋକିବା ଏବଂ ଟ୍ରାଫିକ ନିୟମକୁ କଡ଼ାକଡ଼ି କରିବା ପାଇଁ କେନ୍ଦ୍ରାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା "ଅପରେସନ ଜୀବନ ରକ୍ଷା' ଏବେ ଜୋରଦାର ହୋଇଛି। ଗତକାଲି (୧୮ ଜାନୁଆରୀ) କେନ୍ଦ୍ରାଞ୍ଚଳ ଅଧୀନରେ ଥିବା ୭ଟି ଜିଲ୍ଲାରେ ବ୍ୟାପକ ଯାନବାହନ ଯାଞ୍ଚ କରାଯାଇ ନିୟମ ଉଲ୍ଲଙ୍ଘନକାରୀଙ୍କଠାରୁ ମୋଟ ୮,୯୪,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନା ଅନୁଯାୟୀ, ଗତ ୭ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଏ ପର୍ଯ୍ୟନ୍ତ ସମୁଦାୟ ୧୪,୪୩୮ଟି ଗାଡ଼ି ଯାଞ୍ଚ କରାଯାଇଥିବା ବେଳେ ସମୁଦାୟ ୬୨,୧୧,୫୦୦ ଟଙ୍କା ଜରିମାନା ଆଦାୟ ହୋଇସାରିଛି। ବିଶେଷ କରି ହେଲମେଟ ନ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ ପୁଲିସ କଡ଼ା ନଜର ରଖିଛି।

## ଡ୍ରିମ୍‌ସ ପଲିଟେକ୍‌ନିକ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



କଟକ,୧୯।୧(ସମିସ): ଏଆଇସିଟିଇ ଦ୍ୱାରା ରାଜ୍ୟର ପ୍ରଥମ ସ୍ୱୟଂଶାସିତ ମାନ୍ୟତା ପାଇଥିବା ଡ୍ରିମ୍‌ସ ପଲିଟେକ୍‌ନିକର ବାର୍ଷିକ କ୍ରୀଡ଼ା ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ବର୍ଗରେ ଉଭୟ ବ୍ୟକ୍ତିଗତ ଦଳଗତ ଖେଳକୁଦ ସହ ଅନ୍ତିମ ଦିବସରେ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପ୍ୟୁଟର ସାଇନ୍ସ ବିଭାଗ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ୍ ବିନିମୟରେ ୧୦୯ ରନ୍ କରିଥିଲା। ଏହା ବିପକ୍ଷରେ ଇଟିସି ୮ ୱିକେଟ୍‌ରେ ୧୩୯ ରନ୍ କରି ବିଜୟୀ ହୋଇଥିଲା। ଚଳିତ ବର୍ଷ କ୍ରୀଡାରେ ବାଳିକା ବର୍ଗରେ ପୂର୍ଣ୍ଣିମା ବେହେରା ଓ ବାଳକ ବର୍ଗରେ ଅରୁଣ ମହାନ୍ତ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମୁଖ୍ୟଅତିଥି, ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପଲିଟେକ୍‌ନିକ୍‌ର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଏବଂ ଲୋକସଂପର୍କ ଅଧିକାରୀ ନିରକାର ସାହୁ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ସ୍ୱାଗତ ଅଭିଭାଷଣ ଓ ପ୍ରାଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣି





କଟକ,୧୯।୧(ସମିସ): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ୍ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୦ଟି ଅଭିଯୋଗ ମଧ୍ୟରେ ୭୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା। ୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରଯାଇଛି। ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଯୋଗ ଦେଇଥିଲେ। ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଏସ୍‌ସିବି ସର୍ଜରୀ ବିଭାଗରେ ଖୋଲିବ ଆଇସିୟୁ

କଟକ,୧୯।୧(ସମିସ): ଏସ୍‌ସିବି ସର୍ଜରୀ ବିଭାଗରେ ପ୍ରଥମ କରି ଖୋଲିବ ଆଇସିୟୁ। ୨୦ଟି ଶଯ୍ୟା ବିଶିଷ୍ଟ ଆଇସିୟୁ ଖୋଲିବାକୁ ଥିବାବେଳେ ଏବେ ଏହାର କାର୍ଯ୍ୟ ଆରମ୍ଭ କରାଯାଇଛି। ସର୍ଜରୀ ବିଭାଗର ରୋଗୀ ଏବେ ଆଉ ସେଣ୍ଟ୍ରାଲ ଆଇସିୟୁ ଉପରେ ନିର୍ଭର କରିବେ ନାହିଁ। ଏସ୍‌ସିବିର ଟ୍ରମା କାଜୁଆଲଟି ଉପର ମହଲାରେ ଥିବା ସେଣ୍ଟ୍ରାଲ ଆଇସିୟୁରେ ମେଡିକାଲର ବିଭିନ୍ନ ବିଭାଗର ଗୁରୁତର ରୋଗୀ ଭର୍ତ୍ତି ହୋଇଥାନ୍ତି। ସେହିପରି ସର୍ଜରୀ ବିଭାଗରେ ଆଇସିୟୁ ନଥିବାବେଳେ ଏଠାକାର ରୋଗୀ ମଧ୍ୟ ଏହି ସେଣ୍ଟ୍ରାଲ ଆଇସିୟୁ ଉପରେ ନିର୍ଭର କରି ରହିଥାନ୍ତି। ଏହି ସେଣ୍ଟ୍ରାଲ ଆଇସିୟୁରେ ମୋଟ୍ ୨୫ଟି ଶଯ୍ୟା କାର୍ଯ୍ୟ କରୁଛି। ଏହି ଆଇସିୟୁ ଭରସାରେ ଶତାଧିକ ଗୁରୁତର ରୋଗୀ ରହୁଥିବାବେଳେ ପ୍ରାୟତଃ ଆଇସିୟୁ ସୁବିଧା ନ ପାଇ ମୃତ୍ୟୁ ମୁହଁକୁ ଯାଇଥାନ୍ତି। ଏଭଳି କ୍ଷେତ୍ରରେ ରୋଗୀଙ୍କ ସୁବିଧାକୁ ନଜରରେ ମେଡିକାଲ କର୍ତ୍ତୃପକ୍ଷ ସର୍ଜରୀ ବିଭାଗରେ ପ୍ରଥକରି ୨୦ଟି ଶଯ୍ୟା ବିଶିଷ୍ଟ ଆଇସିୟୁ ବେଡର ବ୍ୟବସ୍ଥା କରିଛନ୍ତି। ପରେ ଏହି ଶଯ୍ୟା ସଂଖ୍ୟାକୁ ବଢ଼ାଯିବ। ଏଥିପାଇଁ ବିଭାଗର ତଳମହଲାରେ ଥିବା ରୋଗୀଙ୍କୁ ଅନ୍ୟ ବିଭାଗକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଛି ଏବଂ ଆସନ୍ତା ତିନି ସପ୍ତାହ ମଧ୍ୟରେ ଏହାର କାମ ଶେଷ ହୋଇ ଏହାକୁ ଉଦଘାଟନ କରାଯିବ ବୋଲି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋର୍ତିମୟ ନାୟକ କହିଛନ୍ତି।

## ନନ୍ଦନକାନନରେ ମଧ-ଶୀତକାଳୀନ ଜଳପକ୍ଷୀ ଗଣନା

ବାରଙ୍ଗ,୧୯।୧(ସମିସ): ରବିବାର ନନ୍ଦନକାନନ ପକ୍ଷରୁ ଆରମ୍ଭ ହୋଇଥିବା ଦିନିକିଆ ମଧ-ଶୀତକାଳୀନ ଜଳଚର ପକ୍ଷୀ ଗଣନା ସରିଛି। ଏହି ଗଣନା ଅନୁଯାୟୀ ଗତବର୍ଷଠାରୁ ଚଳିତବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି। ନନ୍ଦନକାନନ ପକ୍ଷରୁ ୯ଟି ସର୍ଭେ ଦଳ ଗଠନ କରାଯାଇଥିଲା। ଏହି ପକ୍ଷୀ ଗଣନାରେ ସମୁଦାୟ ୫୫ ଜଣ ପକ୍ଷୀ ବିଶେଷଜ୍ଞ, ଛାତ୍ର ଏବଂ ଅନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଦଳ ଅଭୟାରଣ୍ୟ ଏବଂ ଆଖପାଖରେ ଥିବା ଆର୍ଦ୍ରଭୂମି ଯେପରି କାଞ୍ଜିଆ ହ୍ରଦ, କିଆଖଣି ହ୍ରଦ, ବଡ଼ବାଙ୍କ ପାଟ, କଟୁରିଘସା ପାଟ, ରୁଡଙ୍ଗ ଓ କୃଷ୍ଣନଗର ସଂରକ୍ଷିତ ଜଙ୍ଗଲରେ ଥିବା ଅନେକ ଛୋଟ ଏବଂ ବଡ଼ ଜଳାଶୟ ପାଖକୁ ଯାଇ ସର୍ଭେ କରିଥିଲେ। ଏହି ଗଣନାରେ ୭୨ ପ୍ରଜାତିର ମୋଟ ୨,୭୨୭ ଜଳପକ୍ଷୀ ରେକର୍ଡ କରାଯାଇଥିଲା। ତେବେ ଗତବର୍ଷ ଗଣନାରେ ୫୫ ପ୍ରଜାତିର ୧୬୦୨ ପକ୍ଷୀ ରେକର୍ଡ କରାଯାଇଥିଲା। ଯାହାକି ଚଳିତ ବର୍ଷ ୧୭ ନୂଆ ପ୍ରଜାତିର ୧୧୨୫ଟି ଅଧିକ ଜଳଚର ପକ୍ଷୀ ଆସିଥିବାର ଜଣାପଡିଥିବା ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।



### ସିଏମ୍‌ସି ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ

# 'ଗୋଟିଏ ଦିନ କମିସନରଙ୍କ ସହ'




କଟକ,୧୯।୧(ସମିସ): ପ୍ରଥମଥର ନିମନ୍ତେ ଏକ ନିଆରା କାର୍ଯ୍ୟକ୍ରମ ଆରମ୍ଭ କରିଛି କଟକ ମହାନଗର ନିଗମ। ଆଗାମୀ ଦିନରେ ସହରର ବିଦ୍ୟାର୍ଥୀମାନେ କମିସନରଙ୍କ ସହ ଗୋଟିଏ ଦିନ ଅତିବାହିତ କରିବା ସହ ସେମାନଙ୍କ ଜୀବନଶୈଳୀ ଦ୍ୱାରା ପ୍ରଭାବିତ ହୋଇ ପାରିବେ। ସରକାରୀ ବ୍ୟବସ୍ଥାକୁ ପରଖିବେ, ସହରର ବିକାଶ ଦିଗରେ ନିଜକୁ ସାମିଲ କରିବେ। ନିଗମ ପକ୍ଷରୁ ଆରମ୍ଭ ହୋଇଥିବା ଅଭିବନ କାର୍ଯ୍ୟକ୍ରମର ନାଁ 'ଗୋଟିଏ ଦିନ କମିସନରଙ୍କ ସହ'। ସହରର ଭବିଷ୍ୟତ ପିଢ଼ିକୁ ପ୍ରଶାସନିକ ସେବା ପ୍ରତି ପ୍ରେରଣା ଦେବା ଏବଂ ସେମାନଙ୍କ ମଧ୍ୟରେ ନେତୃତ୍ୱର ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଆଜି ବିଜୁ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଶନର କିରଣଦୀପ କୌର ସହୋତା କହିଥିଲେ।

ଅଭିନବ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ପାଇଁ ସିଏମସି ଅଧୀନରେ ଥିବା ସମସ୍ତ ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଆବେଦନ କରିପାରିବେ। ସିଏମସିର ୱେବସାଇଟରେ ଉପଲବ୍ଧ ଗୁଗୁଲ୍ ଫର୍ମ ଜରିଆରେ ନିଜର ନାମ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ଚୟନ ପ୍ରକ୍ରିୟାକୁ ବେଶ୍ ବ୍ୟାପକ ଓ ପ୍ରତିଯୋଗିତାମୂଳକ କରାଯାଇଛି, ଯେଉଁଠାରେ ଛାତ୍ରଛାତ୍ରୀଙ୍କୁ ମୋଟ ୧୦୦ ମାର୍କରୁ ମୂଲ୍ୟାୟନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ମାର୍କର ଏକ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ, ଯେଉଁଥିରେ ପାଞ୍ଚଟି ନିର୍ଦ୍ଦିଷ୍ଟ ବିଷୟ ମଧ୍ୟରୁ ଗୋଟିଏକୁ ଚୟନ କରି ଓଡ଼ିଆ ଭାଷାରେ ୮୦୦ରୁ ୧୦୦୦ ଶବ୍ଦ ମଧ୍ୟରେ ଏକ ନିବନ୍ଧ ଲେଖି ଅପଲୋଡ୍ କରିବାକୁ ପଡ଼ିବ। ଅବଶିଷ୍ଟ ୫୦ ମାର୍କ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ଯଥା ଏନସିସି, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନଏସଏସ, କ୍ରୀଡ଼ା, ସାଂସ୍କୃତିକ କୃତିତ୍ୱ, ନୂତନ ବିଜ୍ଞାନ ପ୍ରକଳ୍ପ, ସ୍ୱଚ୍ଛତା ଅଭିଯାନ ଏବଂ ସାମାଜିକ ସଚେତନତା ଭଳି ୧୦ଟି ବିଭିନ୍ନ ବର୍ଗରେ ସେମାନଙ୍କ ଅବଦାନକୁ ଭିତ୍ତିକରି ପ୍ରଦାନ କରାଯିବ। ମନୋନୀତ ହୋଇଥିବା ଛାତ୍ର ବା ଛାତ୍ରୀ କମିସନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ପ୍ରଶାସନିକ କାର୍ଯ୍ୟଶୈଳୀକୁ ଅତି ନିକଟରୁ ଅନୁଭବ କରିବେ। ସେ କେବଳ ଗୁରୁତ୍ୱପୂର୍ଣ୍ଣ ରିଭ୍ୟୁ ବୈଠକରେ ଅଂଶଗ୍ରହଣ କରିବେ ନାହିଁ, ବରଂ ସହରର ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଏବଂ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିବେ। ଏହି ସମୟରେ କମିଶନର ସହୋତା ନିଜେ ଛାତ୍ରଛାତ୍ରୀଙ୍କ ସହ ସିଭିଲ୍ ସର୍ଭିସ୍ ପ୍ରସ୍ତୁତି, ଶୃଙ୍ଖଳା ଓ ଲୋକସେବା ସମ୍ପର୍କରେ ଆଲୋଚନା କରି ମାର୍ଗଦର୍ଶନ ପ୍ରଦାନ କରିବେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୭୫ ● ପାଉଣ୍ଡ ୧୨୧.୫୩
- ୟୁରୋ ୧୦୫.୫୨ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୪,୦୫୦ (ନୂଆଦିଲ୍ଲୀ)
- ରୁପା : ୩,୧୫,୦୦୦ (କେଜି)




## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୨୪୬.୦୦
- ନିଫ୍ଟି ୨୫,୫୮୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଡିଜିଟାଲ ମୁଦ୍ରା ପାଇଁ ଆର୍‌ବିଆଇର ବଡ଼ ଯୋଜନା

# କମିବ ଆମେରିକୀୟ ଡଲାର୍‌ର ଦବ୍‌ଦବା

ନୂଆଦିଲ୍ଲୀ,୧୯।୧(ଏଜେନ୍ସି):

ଡିଜିଟାଲ କରେନ୍ସି ବା ମୁଦ୍ରା ଉପରେ ଏକ ବଡ଼ ଅନ୍ତର୍ଜାତୀୟ ପଦକ୍ଷେପ ପାଇଁ ଭାରତ ସମ୍ପ୍ରତି ପ୍ରସ୍ତୁତି ଚଳାଇଛି। ଏ କ୍ଷେତ୍ରରେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ (ଆର୍‌ବିଆଇ) ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛି। ଆର୍‌ବିଆଇ ବ୍ରିକ୍ସ ଦେଶଗୁଡ଼ିକୁ ପରାମର୍ଶ ଦେଇଛି ଯେ ସେମାନେ ପରସ୍ପର ମଧ୍ୟରେ ବାଣିଜ୍ୟ ଏବଂ ପର୍ଯ୍ୟଟନ ବାବଦ ପେମେଣ୍ଟକୁ ସହଜ କରିବା ପାଇଁ ସେମାନଙ୍କର ସରକାରୀ ଡିଜିଟାଲ୍ ମୁଦ୍ରା (ସିବିଡିସି) କୁ ଲିଙ୍କ୍ କରନ୍ତୁ, ଯାହାଦ୍ୱାରା ସୀମାପାର ବାଣିଜ୍ୟ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ପେମେଣ୍ଟ ସହଜ ହୋଇପାରିବ। ଏହି ପଦକ୍ଷେପର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା। ଆର୍‌ବିଆଇ ସରକାରଙ୍କୁ ଏହା ମଧ୍ୟ ପରାମର୍ଶ ଦେଇଛି ଯେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଡିଜିଟାଲ୍ ମୁଦ୍ରାକୁ ଲିଙ୍କ୍ କରିବାର ପ୍ରସ୍ତାବ ୨୦୨୬ ବ୍ରିକ୍ସ ସମ୍ମିଳନୀର ଏଜେଣ୍ଡାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ଯଦି ଏହା ହୁଏ ତେବେ ଆମେରିକା ନାରାଜ ହେବ। କାରଣ ସାରା ଦୁନିଆରେ ଆଉ ଆମେରିକୀୟ ଡଲାରର ଦବ୍ଦବା ରହିବ ନାହିଁ।

### ବ୍ରିକ୍ସ ଦେଶଙ୍କୁ ଯୋଡ଼ିବ ଭାରତ

### ନାରାଜ ହେବ ଆମେରିକା



ପ୍ରଥମ ଥର ପାଇଁ ବ୍ରିକିସ ସଦସ୍ୟଙ୍କୁ ଡିଜିଟାଲ ମୁଦ୍ରା ସହ ଯୋଡିହେବା ପାଇଁ ଏଭଳି ଏକ ପ୍ରସ୍ତାବ ଉପସ୍ଥାପନ କରାଯିବ। ସୂଚନାଯୋଗ୍ୟ ଯେ, ବ୍ରିକ୍ସ ସଂଗଠନରେ ବ୍ରାଜିଲ, ରୁଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ଭଳି ଦେଶ ଅନ୍ତର୍ଭୁକ୍ତ। ତଥାପି, ଏହି ପଦକ୍ଷେପ ଆମେରିକାକୁ କ୍ରୋଧିତ କରିପାରେ। କାରଣ ଆମେରିକୀୟ ଡଲାରକୁ ବାଇପାସ୍ କରିବା ପାଇଁ ଯେ କୌଣସି ପଦକ୍ଷେପ ବିରୁଦ୍ଧରେ ଟ୍ରମ୍ପ୍ ପ୍ରଶାସନ ଚେତାବନୀ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ବ୍ରିକ୍ସ ମେଣ୍ଟକୁ ଆମେରିକୀୟ ବିରୋଧୀ ବୋଲି କହି ଏହାର ସଦସ୍ୟ ରାଷ୍ଟ୍ରମାନଙ୍କ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ଏହା ସ୍ପଷ୍ଟ କରି ଦେଇଥିଲେ ଯେ ଆମେରିକା ପୂର୍ବରୁ ବ୍ଲକ୍ ର କାର୍ଯ୍ୟକଳାପ ସମ୍ପର୍କରେ ସତର୍କ ଏବଂ କଠୋର ମନୋଭାବ ବଜାୟ ରଖିଛି। ଏହା ଉପରେ ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା କହିଛି ଯେ ସେମାନଙ୍କ ପାଖରେ ଏହି ବିଷୟରେ କୌଣସି ସୂଚନା ନାହିଁ। ତେବେ ଦକ୍ଷିଣ ଆଫ୍ରିକା ଏବଂ ରୁଷର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକଏହା ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

ଆର୍‌ବିଆଇର ପ୍ରସ୍ତାବ ରିଓ ଡି ଜେନେରିଓରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀର ୨୦୨୫ ଘୋଷଣା ଉପରେ ଆଧାରିତ, ଯେଉଁଥିରେ ସୀମାପାର କାରବାରକୁ ସହଜ କରିବା ପାଇଁ ସଦସ୍ୟ ଦେଶଗୁଡ଼ିକର ପେମେଣ୍ଟ ସିଷ୍ଟମ ମଧ୍ୟରେ ଆନ୍ତଃକାର୍ଯ୍ୟକ୍ଷମତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୀମାପାର କାରବାରକୁ ତ୍ୱରାନ୍ୱିତ କରିବା ଏବଂ ଏହାର ମୁଦ୍ରାର ବିଶ୍ୱବ୍ୟାପୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ବିଆଇ ଭାରତର ଡିଜିଟାଲ୍ ଟଙ୍କାକୁ ଅନ୍ୟ ଦେଶର ସିବିଡିସି ସହିତ ସଂଯୋଗ କରିବାକୁ ସାର୍ବଜନୀନ ଭାବରେ ଆଗ୍ରହ ପ୍ରକାଶ କରିଛି। ତଥାପି, ଏହା କହିଛି ଯେ ଟଙ୍କାର ବିଶ୍ୱବ୍ୟାପୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରୟାସ ଡି-ଡଲାରାଇଜେସନ୍ କୁ ପ୍ରୋତ୍ସାହିତ କରିବା ପାଇଁ ନୁହେଁ। ଯଦିଓ ବ୍ରିକ୍ସ ସଦସ୍ୟମାନଙ୍କ ମଧ୍ୟରୁ କେହି ସେମାନଙ୍କର ଡିଜିଟାଲ୍ ମୁଦ୍ରାକୁ ସମ୍ପୂର୍ଣ୍ଣ ଭାବରେ ଆରମ୍ଭ କରିନାହାଁନ୍ତି, ସମସ୍ତ ୫ଟି ମୁଖ୍ୟ ସଦସ୍ୟ ଏ ନେଇ ପାଇଲଟ୍ ପ୍ରକଳ୍ପ ଚଳାଉଛନ୍ତି। ଭାରତର ଡିଜିଟାଲ୍ ମୁଦ୍ରା (ଯାହାକୁ ଇ-ରୁପି କୁହାଯାଏ) ୨୦୨୨ ଡିସେମ୍ବରରେ ଶୁଭାରମ୍ଭ ହେବା ପରଠାରୁ ମୋଟ ୭ ନିୟୁତ ଖୁଚୁରା ବ୍ୟବହାରକାରୀଙ୍କୁ ଏହା ଆକର୍ଷିତ କରିଛି, ଯେତେବେଳେ କି ଚୀନ୍ ଡିଜିଟାଲ୍ ୟୁଆନର ନ୍ତର୍ଜାତୀୟ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତି ଦେଇଛି।

### ଗ୍ରୀନ୍ ଲ୍ୟାଣ୍ଡ ବିବାଦରେ ରେକର୍ଡ ସ୍ତରରେ ସୁନା, ରୁପା

# ସୁନା ୧.୩୪ ଲକ୍ଷ, ରୁପା କିଲୋ ୩.୧୫ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ଆମେରିକା ଏବଂ ୟୁରୋପ ମଧ୍ୟରେ ଗମ୍ଭୀର ହେବାରେ ଲାଗିଥିବା କୂଟନୈତିକ ଏବଂ ବାଣିଜ୍ୟ ଉତ୍ତେଜନା ବର୍ତ୍ତମାନ ବିଶ୍ୱ ଆର୍ଥିକ ବଜାରକୁ ସିଧାସଳଖ ପ୍ରଭାବିତ କରୁଛି। ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗରେ ଆମେରିକାର ଆକ୍ରମଣାତ୍ମକ ରଣନୀତି ଏବଂ ୟୁରୋପୀୟ ଦେଶଗୁଡ଼ିକ ଉପରେ ସମ୍ଭାବ୍ୟ ଶୁଳ୍କ ଲାଗୁ ଧମକ ନିବେଶକଙ୍କ ଚିନ୍ତା ବଢ଼ାଇଛି। ଏହି ଅନିଶ୍ଚିତ ପରିବେଶରେ ସୁରକ୍ଷିତ ନିବେଶ ଭାବରେ ବିବେଚିତ ସୁନା ଏବଂ ରୂପାର ଚାହିଦା ବୃଦ୍ଧି ପାଇଛି, ଯାହା ଉଭୟ ଧାତୁକୁ ଅନ୍ତର୍ଜାତୀୟ ବଜାରରେ ରେକର୍ଡ ଉଚ୍ଚ ସ୍ତରରେ ପହଞ୍ଚାଇଛି। ବଜାର ବିଶେଷଜ୍ଞଙ୍କ ମତରେ ଭୂ-ରାଜନୈତିକ ଉତ୍ତେଜନା ଏବଂ ବାଣିଜ୍ୟ ଯୁଦ୍ଧର ସମ୍ଭାବନା ଭବିଷ୍ୟତରେ ବଜାର ଦିଗ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆଜି ରାଜଧାନୀ ଭୁବନେଶ୍ୱରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟଙ୍କା ଏବଂ ରୁପା କିଲୋ ପିଛା ୩ ଲକ୍ଷ ଟଙ୍କାରେ ପହଞ୍ଚିଛି।

ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଗ୍ରୀନଲ୍ୟାଣ୍ଡକୁ ନିୟନ୍ତ୍ରଣ ନେବାର ତାଙ୍କ ଉଦ୍ଦେଶ୍ୟ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଏହି ପ୍ରସଙ୍ଗକୁ ବିରୋଧ କରୁଥିବା ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନ୍ସମେତ ୮ଟି ୟୁରୋପୀୟ ଦେଶ ଉପରେ ଶୁଳ୍କ ଲାଗୁ କରିବାକୁ ଧମକ ଦେଇଛନ୍ତି। ଯୋଜନା ଅନୁଯାୟୀ, ଫେବୃଆରୀ ପହିଲାରୁ ୧୦% ଟିକସ ଲାଗୁ କରାଯାଇପାରେ ଏବଂ ଜୁନ୍ ସୁଦ୍ଧା ଏହାକୁ ୨୫% ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଗ୍ରୀନଲ୍ୟାଣ୍ଡ ବିବାଦ ମଧ୍ୟରେ ୟୁରୋପୀୟ ନେତାମାନେ ଏକ ମିଳିତ ବିବୃତ୍ତି ଜାରି କରି ଆର୍କଟିକ ଅଞ୍ଚଳକୁ ଏକ ରଣନୀତିକ ପ୍ରାଥମିକତା ବୋଲି କହିଛନ୍ତି। ବିବୃତ୍ତିରେ କୁହାଯାଇଛି ଯେ ନାଟୋ ଏହି ଅଞ୍ଚଳରେ ସୁରକ୍ଷା, ସ୍ଥିରତା ବଜାୟ ରଖିବା ଏବଂ ସମ୍ଭାବ୍ୟ ବିପଦକୁ ରୋକିବା ପାଇଁ ସହଯୋଗୀଙ୍କ ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସ୍ୱୀକାର କରେ। ଏହାର ଏକ ଅଂଶ ଭାବରେ, ୟୁରୋପୀୟ ଦେଶଗୁଡ଼ିକ ଆର୍କଟିକରେ ସେମାନଙ୍କର ସାମରିକ ଉପସ୍ଥିତି, କାର୍ଯ୍ୟକଳାପ ଏବଂ ନିବେଶ ବୃଦ୍ଧି କରୁଛନ୍ତି। ନେତାମାନେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଗ୍ରୀନଲ୍ୟାଣ୍ଡ ଅନ୍ତର୍ଭୁକ୍ତ ଡେନମାର୍କ ରାଜ୍ୟ ନାଟୋର ଏକ ପୂର୍ଣ୍ଣ ସଦସ୍ୟ ଏବଂ ଆର୍କଟିକରେ ସୁରକ୍ଷା କେବଳ ସାମୂହିକ ପ୍ରୟାସ ଦ୍ୱାରା ସୁନିଶ୍ଚିତ କରାଯାଇପାରିବ।

### ଏସବିଆଇ ଲାଇଫ ସ୍ପେଲ ବି ସିଜନ୍ ୧୫ରେ ଅଭିକ୍ ଅଗ୍ରୱାଲଙ୍କୁ ସ୍ପେଲ ମାଷ୍ଟର ଟାଇଟଲ୍

ମୁମ୍ବଇ,୧୯।୧(ଏଜେନ୍ସି): ଭାରତର ଅନ୍ୟତମ ପ୍ରମୁଖ ବନାନ (ସ୍ପେଲିଂ) ପ୍ରତିଯୋଗିତା ଏସବିଆଇ ଲାଇଫ ସ୍ପେଲ ବିର ଗ୍ରାଣ୍ଡ ଫିନାଲେରେ ୧୫ତମ ସଂସ୍କରଣ ଶେଷ ହୋଇଛି। ମୁମ୍ବାଇର ପୱାଇ ଅଂଚଳର ବମ୍ବେ ସ୍କଟିସ ସ୍କୁଲର ୧୧ ବର୍ଷୀୟ ଛାତ୍ର ଅଭିକ ଅଗ୍ରୱାଲ 'ଭାରତର ସ୍ପେଲ ମାଷ୍ଟର' ମୁକୁଟ ହାସଲ କରିଛନ୍ତି। ଏହି ସମ୍ମାନଜନକ ଜାତୀୟ ପ୍ରତିଯୋଗିତାରେ ଦେଶର ୩୦୦ ସ୍କୁଲରୁ ୧.୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହାକୁ ଅଭିନେତ୍ରୀ ମନ୍ଦିରା ବେଦୀ ପରିଚାଳନା କରିଥିଲେ। ଏଥିରେ ବନାନ ସଠିକତା, ଶବ୍ଦାବଳି ଓ ଉପସ୍ଥିତ ବୁଦ୍ଧିକୁ ନେଇ ଅନେକ ପ୍ରତିଯୋଗିତାପୂର୍ଣ୍ଣ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ନୌର ଦି ମିଲେନିୟମ ସ୍କୁଲର ୧୩ ବର୍ଷୀୟ ଛାତ୍ର କୁଷାଗ୍ର ପାଣ୍ଡେ ପ୍ରଥମ ରନର୍ସ-ଅପ ହୋଇଥିବା ବେଳେ ଜୟପୁରର ପ୍ରତାପ ନଗରସ୍ଥିତ ଭାରତୀୟ ବିଦ୍ୟା ଭବନର ୧୩ ବର୍ଷୀୟ ଜାସ୍ମିନ ଜୋୱାଲ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ।

# ଘୁମୁରା ୨୦୨୬ରେ ବେଦାନ୍ତ ଆଲୁମିନିୟମ୍‌ର ଯୋଗଦାନ

ଭୁବନେଶ୍ୱର,୧୯।୧(ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୬ ର ୨୮ତମ ସଂସ୍କରଣରେ



ଅଂଶଗ୍ରହଣ କରି ଏହାର ଲାଞ୍ଜିଗଡ଼ ବିଶୋଧନାଗାରର ପରିଚାଳନା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରମୁଖ ଦିଗକୁ ପ୍ରଦର୍ଶିତ କରିଛି। କମ୍ପାନୀର ପ୍ୟାଭିଲିୟନକୁ ୩୦,୦୦୦ ରୁ ଅଧିକ ପରିଦର୍ଶକଙ୍କ ଆଗମନ ରେକର୍ଡ ହୋଇଛି, ଯେଉଁଠାରେ ବକ୍ସାଇଟ୍ ରୁ ଆଲୁମିନିୟମ୍ ଉତ୍ପାଦନ ଏବଂ ଏହାର ପ୍ରୟୋଗ ବିଷୟରେ ଏକ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରଦାନ କରାଯାଇଥିଲା। ଭବାନୀପାଟଣାରେ ଆୟୋଜିତ ଏହି ଉତ୍ସବ ବେଦାନ୍ତ ଆଲୁମିନିୟମ ପାଇଁ ଜିଲ୍ଲା ସହିତ ଏହାର ଦୀର୍ଘକାଳୀନ ସମ୍ପର୍କ ଏବଂ ସ୍ଥାନୀୟ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା। ଏହି ୫ ଦିନିଆ ଉତ୍ସବରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ଉତ୍ସବରେ କମ୍ପାନୀ କଳାହାଣ୍ଡିର ୧୦ମ ଶ୍ରେଣୀର ୮ ଜଣ ଜିଲ୍ଲା ଟପ୍ପରଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରିଥିଲା। କଳାହାଣ୍ଡି ଜିଲ୍ଲା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ଜିଲ୍ଲାପାଳ ସଚିନ ପ୍ରକାଶ ପାୱାର,ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ, ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ଏସ୍. ସାହୁ ଏବଂ ବେଦାନ୍ତ ଆଲୁମିନା ବିଜିନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଏହି ପୁରସ୍କାର ପ୍ରଦାନ କରିଥିଲେ। କଳାହାଣ୍ଡି ଉତ୍ସବ ହେଉଛି ଏକ ମଞ୍ଚ ଯାହା ଏହି ଅଞ୍ଚଳର ଆବେଗକୁ ପାଳନ କରିଥାଏ ବୋଲି ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି।

### ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ

# ଏ ଯାଏ ଆସିଲାନି ଆୟୋଗଙ୍କ ସୁପାରିସ ରିପୋର୍ଟ

- ରିପୋର୍ଟ ଆସିବାରେ ହେବ ୧୮ ମାସ ବିଳମ୍ବ
- ସରକାରୀ କର୍ମଚାରୀଙ୍କୁ ଲାଗିବ ବଡ଼ ଝଟ୍‌କା
- ୨୦୨୮ ରେ ଦରମା ବାବଦ ଖର୍ଚ୍ଚ ୫୦% ବୃଦ୍ଧି ପାଇବ
- ଭବିଷ୍ୟତର ଅନେକ ବଜେଟ୍‌କୁ ପ୍ରଭାବିତ କରିବ

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗକୁ ନେଇ ବେଶ ଆଶାବାଦୀ କେନ୍ଦ୍ରୀୟ କର୍ମଚାରୀ। ହେଲେ ଏବେ ସେମାନଙ୍କୁ ବଡ଼ ଝଟ୍‌କା ଲାଗିଛି। କାରଣ ଏ ଯାଏ ଆସିପରିଲାନି ବେତନ ଆୟୋଗଙ୍କ ସୁପାରିଶ ରିପୋର୍ଟ। ଏହି ରିପୋର୍ଟ ଆସିବା ଏବେ ୧୫-୧୮ ମାସ ବିଳମ୍ବ ହୋଇସାରିଛି, ଯାହା ୨୦୨୬ ଜାନୁଆରୀରେ ଦରମା ବୃଦ୍ଧି କାର୍ଯ୍ୟକାରୀ କରିବାରେ ବାଧା ସୃଷ୍ଟି କରିଛି। ଅପରପକ୍ଷେ ଇକ୍ରା ରେଟିଂର କହିବାନୁଯାୟୀ, ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଲାଗୁ କରାଗଲେ ୨୦୨୮-୨୯ ଆର୍ଥିକବର୍ଷରେ କେନ୍ଦ୍ର ସରକାର ବଡ଼ ଧରଣର ଆର୍ଥିକ ଚାପରେ ସମ୍ମୁଖୀନ ହେବେ। ଯେହେତୁ କେନ୍ଦ୍ର ସରକାର ବେତନ ଆୟୋଗକୁ ପିଛିଲା ଭାବେ ଲାଗୁ କରିବେ, ସେଥିପାଇଁ ୧୫ ମାସର ବକେୟା ଏକକାଳୀନ ଦେବାକୁ ପଡିବ। ଏଥିଯୋଗୁ ଆର୍ଥିକବର୍ଷ ୨୦୨୮ରେ କେନ୍ଦ୍ର ସରକାରଙ୍କ ଦରମା ବାବଦ ଖର୍ଚ୍ଚ ୪୦-୫୦% ବୃଦ୍ଧି ପାଇପାରେ, ଯାହା ଦେଶରେ ବିକାଶ ଯୋଜନାକୁ ପ୍ରଭାବିତ କରିବ।

ସୂଚନାଯୋଗ୍ୟ ଯେ, ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନଙ୍କ ସୁପାରିଶ ୨୦୨୬ ଜାନୁଆରୀରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଥିଲା, କିନ୍ତୁ ଏବେ ଏହା ସ୍ପଷ୍ଟ ଯେ ଆୟୋଗଙ୍କ ରିପୋର୍ଟ ଆସିବା ବିଳମ୍ବ ହେବ। ଏହି ବିଳମ୍ବ ସରକାରଙ୍କ ଆର୍ଥିକ ଯୋଜନା ଏବଂ ବଜେଟ୍ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ଇକ୍ରା ପକ୍ଷରୁ ବଜେଟ୍ ୨୦୨୬-୨୭ ଉପରେ ଏହାର ରିପୋର୍ଟରେ ଏହି ବିଳମ୍ବକୁ ବିଶ୍ଳେଷଣ କରି କହିଛି ଯେ ସରକାର ଏହି ସମୟରେ ପୁଞ୍ଜି ବ୍ୟୟ (କ୍ୟାପେକ୍ସ)ରେ ବୃଦ୍ଧି ଉପରେ ଧ୍ୟାନ ଦେଇପାରନ୍ତି, କାରଣ ୮ମ ବେତନ ଆୟୋଗଙ୍କ ସୁପାରିଶ କାର୍ଯ୍ୟକାରୀ ହେବା ଦ୍ୱାରା ୨୦୨୮-୨୯ଠାରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଚାପ ପଡ଼ିବ। ପୂର୍ବ ବେତନ ଆୟୋଗ ପରି ଏଥର ମଧ୍ୟ ୧୦ ବର୍ଷ ପରେ ଦରମା ବୃଦ୍ଧି ଘଟିବାର ଯୋଜନା ଥିଲା। ୭ମ ବେତନ ଆୟୋଗଙ୍କ ସୁପାରିଶ ଚଳିତବର୍ଷ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହେବାର ଥିଲା, ତେଣୁ ଜାନୁଆରୀ ପହିଲାକୁ ୮ମ ବେତନ ଆୟୋଗଙ୍କ କମିଶନର କାର୍ଯ୍ୟକାରୀ ତାରିଖ ଭାବରେ ବିବେଚନା କରାଯାଇଥିଲା। ତଥାପି, ଆୟୋଗଙ୍କ ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନ ଥିବାରୁ, ଦରମା ବୃଦ୍ଧି ତୁରନ୍ତ କାର୍ଯ୍ୟକାରୀ ହେବ ନାହିଁ। ଇକ୍ରା ଅନୁଯାୟୀ, ଯେତେବେଳେ ବି ବେତନ ଆୟୋଗ କାର୍ଯ୍ୟକାରୀ ହେବ ଏହାକୁ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ଭାବରେ ବିବେଚନା କରାଯିବ, ଯାହା ଦ୍ୱାରା ସରକାରଙ୍କୁ ୧୫-୧୮ ମାସ ପାଇଁ ଦରମା ଏବଂ ପେନସନ୍ ବକେୟା ଦେବାକୁ ପଡିବ।

ଇକ୍ରା ସତର୍କ କରାଇ ଦେଇଛି ଯେ ୨୦୨୮ ଆର୍ଥିକ ବର୍ଷରେ ଦରମା ଖର୍ଚ୍ଚ ୪୦-୫୦% ବୃଦ୍ଧି ପାଇପାରେ। ଏହା ସରକାରଙ୍କ ଆର୍ଥିକ ସନ୍ତୁଳନକୁ ବିପଦରେ ପକାଇପାରେ ଏବଂ ବିକାଶ ପ୍ରକଳ୍ପ ଏବଂ ଭିତ୍ତିଭୂମିରେ ଖର୍ଚ୍ଚ କରିବାର କ୍ଷମତାକୁ ସୀମିତ କରିପାରେ। ସେହିପରି ୭ମ ବେତନ ଆୟୋଗ ସମୟରେ କେବଳ ୬ ମାସ ରିପୋର୍ଟ ଆସିବା ସତ୍ତ୍ୱେ ଗୋଟିଏ ବର୍ଷରେ ଦରମା ବାବଦ ଖର୍ଚ୍ଚ ୨୦%ରୁ ଅଧିକ ବୃଦ୍ଧି ପାଇଥିଲା। ତେବେ ଷଷ୍ଠ ବେତନ ଆୟୋଗରେ ବିଳମ୍ବ ଯୋଗୁଁ ମଧ୍ୟ ଅଢ଼େଇ ବର୍ଷରୁ ଅଧିକ କାଳ ପେମେଣ୍ଟ ପଡ଼ିରହିଥିଲା, ଯାହା ଦୁଇ ବର୍ଷ ପାଇଁ ବଜେଟ ଉପରେ ଚାପ ପକାଇଥିଲା। ଇକ୍ରା ଅନୁଯାୟୀ, ସରକାର ୨୦୨୭ ଆର୍ଥିକବର୍ଷରେ ପୁଞ୍ଜି ବ୍ୟୟରେ ପ୍ରାୟ ୧୪% ବୃଦ୍ଧି କରି ୧୩.୧ ଲକ୍ଷ କୋଟି କରିପାରନ୍ତି। ଲକ୍ଷ୍ୟ ହେଉଛି ୮ମ ବେତନ ଆୟୋଗ କାର୍ଯ୍ୟକାରୀ ହେବା ପୂର୍ବରୁ ବିକାଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, କାରଣ ତା'ପରେ ଖର୍ଚ୍ଚ ପରିସର ସଙ୍କୁଚିତ ହେବ। ଯଦିଓ ଦରମା ବୃଦ୍ଧି ୨୦୨୬ ଜାନୁଆରୀରୁ ହୋଇନାହିଁ, ତଥାପି ଏହା ସ୍ପଷ୍ଟ ଯେ ଏହାକୁ କେବଳ ସ୍ଥଗିତ ରଖାଯାଇଛି, ବାତିଲ କରାଯାଇନାହିଁ।

### ମୁଡିଜ୍' ବଢ଼ାଇଲା ଅଭିବୃଦ୍ଧି ଆକଳନ

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ରେଟିଂ ଏଜେନ୍ସି 'ମୁଡିଜ୍' ଜାରି ଆର୍ଥିକ ବର୍ଷ ନିମନ୍ତେ ଭାରତର ଆର୍ଥିକ ବୃଦ୍ଧି ହାର ୭.୩% ରହିବ ବୋଲି ଆକଳନ କରିଛି। ଏଣୁ ମଜଭୁତ ଆର୍ଥିକ ବିସ୍ତାର ଯୋଗୁ ହାରାହାରି ଘରୋଇ ଆୟକୁ ସମର୍ଥନ ମିଳିବ ଓ ବୀମାର ଚାହିଦା ବଢିବ ବୋଲି ଅନୁମାନ କରାଯାଉଛି। ଭାରତର ବୀମା କ୍ଷେତ୍ର ଉପରେ ଜାରି ନିଜ ରିପୋର୍ଟରେ ମୁଡିଜ୍ କହିଛି ଯେ ଉଦ୍ୟୋଗକୁ ପ୍ରିମିୟମରେ ନିରନ୍ତର ବୃଦ୍ଧିର ସମ୍ଭାବନା ରହିଛି, ଯାହା ମଜଭୁତ ଆର୍ଥିକ ବିସ୍ତାର, ବଢୁଥିବା ଡିଜିଟାଲିକରଣ, କର ପରିବର୍ତ୍ତନ ଓ ସରକାରୀ ମାଲିକାନାଧୀନ ବୀମା କ୍ଷେତ୍ରରେ ପ୍ରସ୍ତାବିତ ସୁଧାର ଦ୍ୱାରା ପ୍ରେରିତ ହେବ ବୋଲି ଆକଳନ କରାଯାଉଛି। ଏହା ଦ୍ୱାରା ଏବେ ଦୁର୍ବଳ ଅନୁଭବ କରୁଥିବା ଉଦ୍ୟୋଗର ଲାଭରେ ସୁଧାର ଆସିବ। ମୁଡିଜ କହିଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଅର୍ଥ ବ୍ୟବସ୍ଥା ୭.୩% ହାରରେ ଅଭିବୃଦ୍ଧି କରିବ, ଯାହା ପିଛିଲା ଆର୍ଥିକ ବର୍ଷରେ ୬.୫%ରୁ ଅଧିକ ଥିଲା। ଏଥିରେ ଲୋକଙ୍କ ହାରାହାରି ଆୟରେ ବୃଦ୍ଧି ହେବା ସହ ବୀମା ଚାହିଦାକୁ ସମର୍ଥନ ମିଳିବ। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରତି ବ୍ୟକ୍ତି ଜିଡିପି ବାର୍ଷିକ ଆଧାରରେ ୮.୨% ବଢି ୧୧,୧୭୬ ଡଲାରକୁ ପହଞ୍ଚିଥିଲା। ଏହି ସମୟରେ ମୋଟ ଜିଡିପି ବୃଦ୍ଧି ହାର ୬.୫% ରେକର୍ଡ ହୋଇଥିଲା। ମୁଡିଜ ଅନୁସାରେ ଭାରତର ଦୃଢ ଆର୍ଥିକ ଅଭିବୃଦ୍ଧି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୮ ମାସ (ଏପ୍ରିଲ-ନଭେମ୍ବର)ରେ ମୋଟ ବୀମା ପ୍ରିମିୟମ ଆୟ ୧୭% ବଢି ୧୦.୯ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ବୀମା ପ୍ରିମିୟମରେ ୧୪%ଓ ଜୀବନ ବୀମା ନୂଆ ପ୍ରପୋଜାଲ ପ୍ରିମିୟମରେ ୨୦% ଅଭିବୃଦ୍ଧି ରେକର୍ଡ ହୋଇଥିଲା। ଏହି ବୃଦ୍ଧି ୨୦୨୪-୨୫ ତୁଳନାରେ ଢେର ଅଧିକ ଥିଲା। ଏହି ସମୟରେ ମୋଟ ପ୍ରିମିୟମ ୭% ବଢି ୧୧.୯ ଲକ୍ଷ କୋଟି ଟଙ୍କା ହୋଇଥିଲା।

**ଅଭିବୃଦ୍ଧି ହାର ୭.୩% ରହିବ**

# ମୌନୀ ଅମାବାସ୍ୟାରେ ଚାଲିଲା ୨୪୪ଟି ସ୍ୱତନ୍ତ୍ର ଟ୍ରେନ୍

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ଭାରତୀୟ ରେଳବାଇ ମୌନି ଅମାବାସ୍ୟା ସମୟରେ ଜାନୁଆରୀ ୩ ତାରିଖରୁ ସାରା ଦେଶରେ ୨୪୪ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରି ଭକ୍ତମାନଙ୍କ ପାଇଁ ସୁଗମ ଏବଂ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିଛି। ଉତ୍ତର ରେଳବାଇ (ଏନ୍‌ଆର୍) ର ୩୧ଟି ଟ୍ରେନ୍, ଉତ୍ତର କେନ୍ଦ୍ରୀୟ ରେଳବାଇ (ଏନସିଆର୍) ର ୧୫୮ଟି ଟ୍ରେନ୍ ଏବଂ ଉତ୍ତର-ପୂର୍ବ ରେଳବାଇ (ଏନ୍‌ଇଆର୍) ର ୫୫ଟି ଟ୍ରେନ୍ ପାଖାପାଖି ୪.୫ ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରିଥିଲା। ଉତ୍ସବ ସମୟରେ ବାଧାମୁକ୍ତ ଏବଂ ନିରାପଦ ଯାତ୍ରାକୁ ସୁଗମ କରିବା ନିମନ୍ତେ ସ୍ୱତନ୍ତ୍ର ସେବା ଯୋଜନା କରାଯାଇଥିଲା ଏବଂ ଯତ୍ନର ସହ ପରିଚାଳନା କରାଯାଇଥିଲା। ଜାନୁଆରୀ ୧୮ରେ ପ୍ରୟାଗରାଜରେ ୪୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା,



ଯେଉଁଥିରେ ଏନ୍‌ଆରର ୧୧ଟି ଟ୍ରେନ୍, ଏନସିଆରର ୨୨ଟି ଟ୍ରେନ୍ ଏବଂ ଏନ୍‌ଇଆରର ୭ଟି ଟ୍ରେନ୍ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ପାଖାପାଖି ୧ ଲକ୍ଷ ଯାତ୍ରୀ ଯାତ୍ରା କରିଥିଲେ। ଉଲ୍ଲେଖନୀୟ କଥା ହେଉଛି, ସମସ୍ତ ନିୟମିତ ଟ୍ରେନ୍ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚାଲିଥିଲା, ଯାହା ଭାରତୀୟ ରେଳବାଇ ଦ୍ୱାରା ପ୍ରଭାବଶାଳୀ ଯୋଜନା ଏବଂ ପରିଚାଳନା ଦକ୍ଷତା ପ୍ରଦର୍ଶନ କରିଥିଲା।

### ଏସ୍‌ବିଆଇ ରିପୋର୍ଟ

# ୨୦୩୦ ସୁଦ୍ଧା ଭାରତ ବିଶ୍ୱର ଉଚ୍ଚ-ମଧ୍ୟମ-ଆୟକାରୀ ଦେଶ

ନୂଆଦିଲ୍ଲୀ,୧୯।୧(ଏଜେନ୍ସି):

ଭାରତ ଏବେ ବିଶ୍ୱର ୪ର୍ଥ ବୃହତ୍ ଅର୍ଥନୀତି। ୨୦୨୮ ସୁଦ୍ଧା ତୃତୀୟ ବଡ଼ ଅର୍ଥବ୍ୟବସ୍ଥା ହେବା ଆଡ଼କୁ ଅଗ୍ରସର ହେଉଛି ଦେଶ। ତେବେ ୨୦୩୦ ସୁଦ୍ଧା ଭାରତ ବିଶ୍ୱର ଉଚ୍ଚ-ମଧ୍ୟମ-ଆୟକାରୀ ଦେଶ ମଧ୍ୟରେ ସାମିଲ ହେବାକୁ ଯାଉଛି। ହେଲେ ଭାରତ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି, ସେଠାରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଯାତ୍ରା ଏବେ ସହଜ ନୁହେଁ। ସ୍ୱାଧୀନତା ପରେ ଭାରତକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ପାଇଁ ୬୦ ବର୍ଷ ସମୟ ଲାଗିଥିଲା, କିନ୍ତୁ ଏହା ପରେ ବିକାଶର ଗତି ଲଗାତାର ବୃଦ୍ଧି ପାଇଛି। ଏସବିଆଇ ରିସର୍ଚ୍ଚର ରିପୋର୍ଟ ଅନୁସାରେ ଭାରତର ଅର୍ଥ ବ୍ୟବସ୍ଥା ୨୦୧୪ରେ ୨ ଟ୍ରିଲିୟନ ଡଲାର, ୨୦୨୧ରେ ୩ ଟ୍ରିଲିୟନ ଡଲାର ଓ ୨୦୨୫ରେ ୪ ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ କରିଥିଲା।



ଏବେ ଅନୁମାନ କରାଯାଉଛି ଯେ ୨୦୨୭-୨୮ ସୁଦ୍ଧା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାର ଏକ ଦେଶ ହୋଇଯିବ। ଏହା ବ୍ୟତୀତ ଏହି ରିପୋର୍ଟ ଅନୁସାରେ ୨୦୩୫-୩୬ ସୁଦ୍ଧା ୧୦ ଟ୍ରିଲିୟନ ଡଲାରର ଅର୍ଥନୀତି ହେବା ମାର୍ଗ ମଧ୍ୟ ପ୍ରଶସ୍ତ ହୋଇଯିବ ବୋଲି ଦେଶର ସବୁଠୁ ବଡ଼ ସରକାରୀ ବ୍ୟାଙ୍କ ଏସବିଆଇ ରିସର୍ଚ୍ଚ ସୋମବାର ଜାନୁଆରୀ ୧୯ରେ ଏକ ରିପୋର୍ଟରେ ଏହା କହିଛି।

ରିପୋର୍ଟ ଅନୁସାରେ କେବଳ ଦେଶର ମୋଟ ଆୟ ଅର୍ଥାତ୍ ଜିଡିପି ନୁହେଁ, ବରଂ ସାଧାରଣ ଲୋକଙ୍କ ହାରାହାରି ପ୍ରତି ବ୍ୟକ୍ତି ଆୟ ରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିପାରେ । ଭାରତର ପ୍ରତି ବ୍ୟକ୍ତି ଆୟ ୨୦୦୯ରେ ୧୦୦୦ ଡଲାର ପହଞ୍ଚିଥିଲା। ଦେଶକୁ ଏହି ସ୍ଥାନରେ ପହଞ୍ଚିବା ପାଇଁ ୬୨ ବର୍ଷ ସମୟ ଲାଗିଥିଲା। ରିପୋର୍ଟ ଅନୁସାରେ ୪୦୦୦-୪୫୦୦୦ ଡଲାର ପ୍ରତି ବ୍ୟକ୍ତି ଆୟର ଅର୍ଥ ହେଉଛି ଭାରତର ଅପର୍ ମିଡିଲ୍ ଇନକମ୍ କଣ୍ଟ୍ରି ବର୍ଗରେ ସାମିଲ ହେବ। ଏହି କ୍ଲବରେ ବର୍ତ୍ତମାନ ଚୀନ ଓ ଇଣ୍ଡୋନେସିଆ

**୨୦୨୮ ସୁଦ୍ଧା ତୃତୀୟ ବୃହତ ଅର୍ଥ ବ୍ୟବସ୍ଥା**

ପରି ଦେଶ ଅଛନ୍ତି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଗତ ଦଶନ୍ଧି ମଧ୍ୟରେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଦେଶମାନଙ୍କ ମଧ୍ୟରେ ରହିଛି। ୨୦୨୪ ପର୍ଯ୍ୟନ୍ତ ଦଶନ୍ଧିରେ, ଭାରତ ଗ୍ଲୋବାଲ୍ ଗ୍ରୋଥ୍ ଡିଷ୍ଟ୍ରିବ୍ୟୁସନରେ ୯୫ ପ୍ରତିଶତରେ ପହଞ୍ଚିଛି। ସରଳ ଭାଷାରେ କହିବାକୁ ଗଲେ, ଭାରତ ବିଶ୍ୱର ଅଧିକାଂଶ ଦେଶ ତୁଳନାରେ ଦ୍ରୁତ ଗତିରେ ଅଗ୍ରଗତି କରିଛି। ବିଶ୍ୱ ବ୍ୟାଙ୍କ ଦେଶଗୁଡ଼ିକୁ ସେମାନଙ୍କ ମୁଣ୍ଡପିଛା ମୋଟ ଜାତୀୟ ଆୟ ଆଧାରରେ ଚାରୋଟି ବର୍ଗରେ ବିଭକ୍ତ କରିଛି: ନିମ୍ନ-ଆୟ, ନିମ୍ନ-ମଧ୍ୟମ-ଆୟ, ଉଚ୍ଚ-ମଧ୍ୟମ-ଆୟ, ଏବଂ ଉଚ୍ଚ-ଆୟ । ୧୯୯୦ରେ ଅଧିକାଂଶ ଦେଶ ନିମ୍ନ କିମ୍ବା ନିମ୍ନ-ମଧ୍ୟମ-ଆୟ ବର୍ଗରେ ଥିଲେ, ୨୦୨୪ ସୁଦ୍ଧା ଉଚ୍ଚ-ଆୟ ଏବଂ ଉଚ୍ଚ-ମଧ୍ୟମ-ଆୟ ଦେଶର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏହା ଦର୍ଶାଉଛି ଯେ ସମୟ ସହିତ ବିଶ୍ୱର ଅନେକ ଦେଶ ଆର୍ଥିକ ବିକାଶର ସିଡ଼ି ଚଢ଼ିଛନ୍ତି ଏବଂ ଭାରତ ମଧ୍ୟ ସମାନ ପଥରେ ଚାଲିଛି। ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ ଯଦି ଭାରତ ୨୦୪୭ ସୁଦ୍ଧା ଏକ ଉଚ୍ଚ-ଆୟକାରୀ ଦେଶ ହେବାକୁ ଚାହେଁ, ତେବେ ପ୍ରତି ମୁଣ୍ଡପିଛା ଆୟ ବାର୍ଷିକ ପ୍ରାୟ ୭.୫ରୁ ୯% ହାରରେ ବୃଦ୍ଧି ପାଇବାକୁ ପଡିବ।

